**ଅଁଳା ନବମୀ, ଶ୍ରୀ ରାଧାପାଦ ଦର୍ଶନ**

ଦାମନଯୋଡି,(ଡି.ଏନ.ଏ.)- ପବିତ୍ର କାର୍ତ୍ତିକ ଶୁକ୍ଳ ନବମୀ ବା ଅଁଳା ନବମୀ ଦାମନଯୋଡିରେ ପାଳିତ ହୋଇଯାଇଛି। ବିଭିନ୍ନ ମନ୍ଦିରରେ ଠାକୁରଙ୍କଠାରେ ଅଁଳା ଭୋଗଲାଗି ହୋଇଥିଲା। ସେକ୍ଟର ୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କଠାରେ ସତନ୍ତ୍ର ପୂଜାନୀତି ହୋଇଥିଲା। ମନ୍ଦିର ପରିସରରେ ଥିବା ଶ୍ରୀରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁମାନେ ଶ୍ରୀ ରାଧାପାଦ ଦର୍ଶନ କରିଥିଲେ। ସେହିପରି ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିରରେ ମଧ ସତନ୍ତ୍ର ପୂଜାନୀତି ସହିତ ଶ୍ରୀରାଧାପାଦ ଦର୍ଶନ ନୀତି ହୋଇଥିଲା।

## ସଂକ୍ଷେପରେ

### ଅଁଳା ନବମୀରେ ଶ୍ରୀରାଧା ପାଦ ଦର୍ଶନ



ପଦ୍ମପୁର,୨।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ସ୍ଥିତ ବିଭିନ୍ନ ମଠ ଓ ମନ୍ଦିରରେ ଶ୍ରୀ ଅଁଳା ନବମୀ ତଥା ଶ୍ରୀରାଧା ପାଦ ଦର୍ଶନ ପାଇଁ ବୁଧବାର ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ପଦ୍ମପୁରର ଗିରିଧାରୀ ଗୌର ଗଦାଧର ମଠ, ଯୁଗଳ କିଶୋର ମହାପ୍ରଭୁଙ୍କ ମନ୍ଦିର, ବୃନ୍ଦାବନ ଚନ୍ଦ୍ର ମହାପ୍ରଭୁଙ୍କ ମନ୍ଦିର, ରାଧା ଗୋପୀନାଥ ମନ୍ଦିର ଓ ଭାଗବତ ଟୁଙ୍ଗିରେ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଓ ରାଧାପାଦ ଦର୍ଶନ କରିବାକୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ବିଶେଷକରି ହବିଷିଆଳି ତଥା କାର୍ତ୍ତିକ ବ୍ରତଧାରୀ ମନ୍ଦିର ପରିସରରେ ଅଁଳାବୃକ୍ଷକୁ ପୂଜାକରିବା ସହ ସଧବା ନାରୀମାନେ ପରିବାର ମଙ୍ଗଳ କାମନା କରି ପୂଜା କରିଥିଲେ। ଅଁଳା ବୃକ୍ଷ ତଳେ ଭୋଜିଭାତର ଆୟୋଜନ ମଧ କରାଯାଇଥିଲା।

### ଦକ୍ଷିଣକାଳୀଙ୍କ ଭସାଣି ଉତ୍ସବ

ଗୁଣପୁର,୨।୧୧(ଡି.ଏନ୍.ଏ.)-ଗୁଣପୁର ସହରର ଆଇଟିଡିଏ ଅଫିସ ନିକଟରେ ଚାଲିଥିବା ମାଁ ଦକ୍ଷୀଣକାଳୀଙ୍କ ଭସାଣି ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି। ମାଁଙ୍କ ପ୍ରତିମାକୁ



ସହର ପରିକ୍ରମା କରାଯାଇ ବଂଶଧାରା ନଦୀରେ ବିସର୍ଜନ କରାଯାଇଥିଲା। ଗତ ୨୪ ତାରିଖରୁ ମାଁଙ୍କ ପୂଜା ଧୂମଧାମର ସହ ଅନୁଷ୍ଠିତ ହୋଇଥିଲା। ମୀନାବଜାର ସାଙ୍ଗକୁ ଆକର୍ଷଣୀୟ ତୋରଣ, ମେଢ଼ ଓ ଆଲୋକମାଳାରେ ମାଁଙ୍କ ପୂଜା ମଣ୍ଡପ ଝଲସି ଉଠିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା।

### ବିଦାୟ ନେଲେ ମା'

ଉମରକୋଟ(ସ୍ୱ.ପ୍ର.)୨।୧୧ ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଙ୍ଗୀୟ ଗ୍ରାମ ୟୁଭି-୫୨ଠାରେ ହେଉଥିବା ମା' କାଳୀ ପୂଜାରେ ୧୦ ଦିନ ଧରି ମା' ପୂଜା ପାଇବା ପରେ ବୁଧବାର



ବିସର୍ଜନ ହୋଇଛନ୍ତି। ବହୁ ସଂଖ୍ୟାରେ ଉପସ୍ଥିତ ବଙ୍ଗୀୟ ମହିଳାମାନେ ମା'ଙ୍କୁ ସିନ୍ଦୂର ଲଗାଇଥିଲେ। ପରେ ସେହି ସିନ୍ଦୂରକୁ ନେଇ ସେମାନେ ପରସ୍ପରକୁ ଲଗାଇ ସିନ୍ଦୂର ଖେଳ ଖେଳିଥିଲେ। ପୁରୁଷମାନେ ମଧ ପରସ୍ପରକୁ ଫଗୁ ଲଗାଇଥିଲେ। ବିସର୍ଜନ ସମୟରେ ଜିଲା ପରିଷଦ ଉପସଭାପତି ଲିପିକା ବାରୋଇ, ବ୍ଲକ ଅଧକ୍ଷା ସୁଶିଳା ମାଝୀ, ପୌର ଅଧକ୍ଷା ରାଧା ଭତ୍ରା, ଦେବୀ ସିଂ ମାଝୀ, ନଗର ସଭାପତି କୈଳାସ ନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଥେରୁବାଲିରେ ରେଳରୋକୋ ଉଦ୍ୟମ, ଧାରଣା

**ରାୟଗଡ଼ା ଅଫିସ/କେଲନରା (ଡି.ଏନ୍.ଏ.),୨।୧୧**

ରାୟଗଡ଼ା ଜିଲା ଥେରୁବାଲି ରେଳ ଷ୍ଟେଶନରେ ୮ଟି ଟ୍ରେନ୍ ରହଣି ଦାବି ନେଇ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ରେଳରୋକୋ ଉଦ୍ୟମ ସହ ଧାରଣା ଦିଆଯାଇଛି। ଲକ୍‌ଡାଉନ୍ ପୂର୍ବରୁ ଥେରୁବାଲି ଠାରେ ସମସ୍ତ ଏକ୍ସପ୍ରେସ୍ ଟ୍ରେନ୍ ଅଟକୁଥିଲା। କରୋନା କଟକଣା ପରେ ଏହାକୁ ବନ୍ଦ କରାଯାଇଥିଲା। କଟକଣା ହଟିବା ପରେ ପ୍ରାୟ ସମସ୍ତ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ ଥେରୁବାଲି ଠାରେ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ରହଣି କରୁନି। ଫଳରେ ଥେରୁବାଲି ଏବଂ ଏହାର ଆଖପାଖ ୯ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟବସାୟ କ୍ଷେତ୍ରରେ ବହୁ ସମସ୍ୟା ହେଉଛି। ତେଣୁ ଥେରୁବାଲି ଠାରେ ଏକ୍ସପ୍ରେସ ଟ୍ରେନ୍ ରହଣି ନିମନ୍ତେ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ରେଲ୍‌ୱେ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ନେଉନାହାଁନ୍ତି। ଫଳରେ ଅଞ୍ଚଳବାସୀ ଧାରଣା ଦେବାକୁ ବାଧ ହୋଇଥିବା ପ୍ରକାଶ କରିଛନ୍ତି।

ନାଗରିକ ମଞ୍ଚର ସଦସ୍ୟମାନେ ସକାଳେ ରେଳଧାରଣା ଉପରେ ବସିବାକୁ ଯାଉଥିବାବେଳେ ରେଲ୍‌ୱେ କର୍ତ୍ତୃପକ୍ଷ ଏବଂ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଫଳରେ ଟ୍ରେନ୍ ଚଳାଚଳରେ କୌଣସି ବାଧା ଉପୁଜିନାହିଁ। ଅନ୍ୟପକ୍ଷରେ ମଞ୍ଚ ପକ୍ଷରୁ ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଧାରଣାରେ କୋଲନରା,

- ଏକ୍ସପ୍ରେସ ଟ୍ରେନ୍ ରହଣି ଦାବି
- ୯ ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଭୋଗୁଛନ୍ତି ସମସ୍ୟା

ବିଷମକଟକ, କଲ୍ୟାଣସିଂହପୁର ବ୍ଲକର ୯ ପଞ୍ଚାୟତର ଜନସାଧାରଣ, ୨ ସରପଞ୍ଚ, ଉପାଧକ୍ଷ ପ୍ରମୁଖ ସାମିଲ ହୋଇଥିଲେ। ମାସେ ତଳେ ଦାବି ପୂରଣ ନେଇ ରେଲ୍‌ୱେ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ ତାହା ପୂରଣ ନ ହେବାରୁ ନାଗରିକ ମଞ୍ଚ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ତେବେ ଏ ନେଇ ରେଲ୍‌ୱେ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ରେଳ ରହଣି ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମଧ ରେଲ୍‌ୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏ ବିଷୟରେ ପାର୍ଲାମେଣ୍ଟରେ ମଧ ପ୍ରଶ୍ନ ଉଠାଇଥିଲେ। ହେଲେ ସମସ୍ୟାର ସମାଧାନ ହୋଇ ନ ଥିବାରୁ ଏମ୍‌ପି ଉଲାକା ମଧ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଥେରୁବାଲି ଠାରେ କୌଣସି ମକଲେଜ ନାହିଁ। ଛାତ୍ରୀଛାତ୍ର ରାୟଗଡ଼ା ଏବଂ କୋମତାଲପେଟା ସ୍ଥିତ କଲେଜକୁ ଯାଇ ପଢୁଛନ୍ତି। ପୂର୍ବରୁ ସମସ୍ତ ଟ୍ରେନ୍ ଏଠାରେ ରହୁଥିବାରୁ ଛାତ୍ରୀଛାତ୍ରଙ୍କୁ କଲେଜ ଯିବା ଆସିବା ପାଇଁ ସୁବିଧା ହେବା ସହ ଖର୍ଚ୍ଚ କମ୍ ରହୁଥିଲା। ସେହିଭଳି ଚିକିତ୍ସା ନିମନ୍ତେ ରାୟଗଡ଼ା, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ବିଶାଖାପାଟଣା ଯିବା ପାଇଁ ସୁବିଧା ହେଉଥିଲା। ସେହିପରି ଟ୍ରେନ୍ ନ ରହିବା ଯୋଗୁ ବିଶାଖାପାଟଣା, ରାୟପୁର ଏବଂ ଭୁବନେଶ୍ୱର ଉପରେ ନିର୍ଭର କରୁଥିବା ଅଞ୍ଚଳର ବ୍ୟବସାୟୀ ମଧ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରେନ୍ ରହଣି ନେଇ ବାରମ୍ବାର ଦାବି କରି ଆସୁଥିଲେ ମଧ ରେଲ୍‌ୱେ କର୍ତ୍ତୃପକ୍ଷ ଶୁଣୁନାହାଁନ୍ତି ବୋଲି ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବା ସହ ରେଳରୋକୋ ହିଁ ଏକମାତ୍ର ବିକଳ୍ପ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏଠାରେ ଭୁବନେଶ୍ୱର-ଜୁନାଗଡ଼, ସମତା ଏକ୍ସପ୍ରେସ, ସମ୍ବଲପୁର-ନାନ୍ଦେଡ୍, ସମଲେଶ୍ୱରୀ, ତପସ୍ୱିନୀ ଆଦି ୮ ଟ୍ରେନ୍ ରହଣି ପାଇଁ ପଦକ୍ଷେପ ନ ନେଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଥେରୁବାଲି ନାଗରିକ ମଞ୍ଚ ଚେତାବନୀ ଦେଇଛି।



ରେଳରୋକୋ ଉଦ୍ୟମବେଳେ ପୋଲିସ ଲୋକଙ୍କୁ ଅଟକାଉଛି।

# ଭିଷ୍ଟାଡମ୍ କୋଚ୍‌ରେ ବ୍ୟବସ୍ଥା ଅନୁଧ୍ୟାନ କଲେ ଏମ୍‌ପି

**ରାୟଗଡ଼ା ଅଫିସ,୨।୧୧**

ନୂତନ ଭାବେ ଚଳାଚଳ କରୁଥିବା ଭିଷ୍ଟାଡମ୍ କୋଚ୍‌ରେ ଯାତ୍ରୀଙ୍କ ପାଇଁ କିଭଳି ସବିଧା ରହିଛି ବୁଧବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ତାହାର ଅନୁଧ୍ୟାନ କରିଛନ୍ତି। ଏମ୍‌ପ ନିଜେ ଯାତ୍ରୀଙ୍କ ସହ ଏହି

**ଯାତ୍ରୀଙ୍କ ସହ ମିଶି ଉପଭୋଗ କଲେ ପ୍ରାକୃତିକ ସୌନ୍ଦର୍ଯ୍ୟ**

କୋଚ୍‌ରେ ରାୟଗଡ଼ା ଠାରୁ କୋରାପୁଟ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସେ ନିଜ ମୋବାଇଲରେ କଏଦ କରିବା ସହ ଟ୍ରେନ୍‌ରେ ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଉଲ୍ଲେଖଯୋଗ୍ୟ, କୋରାପୁଟ ଏବଂ ରାୟଗଡ଼ା ଜିଲାରେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ଏବଂ ଅଞ୍ଚଳରେ ପର୍ଯ୍ୟଟନର ବିକାଶ କରିବା ପାଇଁ ସପ୍ତଗିରି ଭିଷ୍ଟାଡମ୍ କୋଚ୍ ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାର ଏବଂ ରେଲ୍‌ୱେ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏବେ ଏହି ଦାବି ପୂରଣ ହୋଇପାରିଛି। ରେଲ୍‌ୱେ ପକ୍ଷରୁ ଟ୍ରେନ୍ ନଂ.୦୮୫୪୬(ବିଶାଖାପାଟନମ୍ ଠାରୁ କୋରାପୁଟ) ଯାତ୍ରା କରୁଥିବା ଟ୍ରେନ୍‌ରେ ଯାତ୍ରୀ ଏହି ସୁବିଧା ପାଉଛନ୍ତି। ଏହି କୋଚ୍‌ରେ ମୁଭିଂ ଚେୟାର ସହ ଆରାମଦାୟକ ବ୍ୟବସ୍ଥା ରହିଛି। କାଚ ଝରକାରୁ ବାହାର ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁବିଧା ଯାତ୍ରୀଙ୍କୁ ମିଳୁଛି।



ଭିଷ୍ଟାଡମ୍ କୋଚ୍‌ରେ ଯାତ୍ରୀଙ୍କ ସହ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା।

# ମିଲେଟ ମିଶନ କାର୍ଯ୍ୟକ୍ରମ ତଦାରଖକଲେ କୃଷି ଅଧିକାରୀ

**ଚନ୍ଦ୍ରପୁର,୨।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁଖ୍ୟ କୃଷି ଅଧିକାରୀ ଗତ ରବିବାର ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା, ହନୁମନ୍ତପୁର, ପିଙ୍ଗାପଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତକରି ମିଲେଟ ମିଶନରେ ଚଳିଥିବା କାର୍ଯ୍ୟକ୍ରମର ତଦାରଖ କରିଥିଲେ। ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଏସ୍ଏଚ୍‌ଜିର ମିଳିତ ଉଦ୍ୟମରେ ଚାଲିଥିବା ମାଣ୍ଡିଆ ଚାଷ, କାନ୍ଦୁଲ, ବିରି, ମୁଗ ଚାଷ ବୁଲି ଦେଖିଥିଲେ। ଗାଁରେ ହୋଇଥିବା ମାଛଚାଷ ମଧ ପରିଦର୍ଶନ କରିଥିଲେ। ଏଥିସହ ଏସ୍ଏଚ୍‌ଜିଙ୍କ ଦ୍ୱାରା ମିଲେଟ ମିଶନରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟଷ୍ଟଲ ଖୋଲିଥିବାବେଳେ କୃଷି ଅଧିକାରୀ ଷ୍ଟଲ ବୁଲି ଦେଖିଥିଲେ। ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ଷ୍ଟଲ ପରିଦର୍ଶନ କରିଥିଲେ। ଓ୍ୱାସନ୍‌ର ଜିଲା ପ୍ରକଳ୍ପ ସଂଯୋଜକ ମନୋଜ କୁମାର ମୁରୁଲି, କୃଷି ବିଭାଗର ଏକ୍ସପର୍ଟ କମଳାକାନ୍ତ ବାରିକ, ପ୍ରଭାତ ଅନୁଷ୍ଠାନର ପ୍ରକଳ୍ପ ଯନ୍ତ୍ରୀ ଅଜିତ କୁମାର ମାଝିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। କୃଷି ଅଧିକାରୀଙ୍କ ଚନ୍ଦ୍ରପୁର ଗସ୍ତ ସମୟରେ କୃଷି କାର୍ଯ୍ୟାଳୟରେ କୌଣସି କର୍ମଚାରୀ ଉପସ୍ଥିତ ରହୁ ନ ଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ହେଲା ଚନ୍ଦ୍ରପୁରରେ ଜଣେ ମଧ ସହକାରୀ କୃଷି ଅଧିକାରୀ ନ ଥିବାବେଳେ କୃଷି ଅଧିଦର୍ଶକ ଦାୟିତ୍ୱ ତୁଲାଉଥିବା ଦେଖିବାକୁ ମିଳିଛି। ଏଠାରେ ଜଣେ ସହକାରୀ କୃଷି ଅଧିକାରୀଙ୍କୁ ଶୀଘ୍ର ନିଯୁକ୍ତି ଦେବାପାଇଁ ଚାଷୀ ଦାବି କରିଛନ୍ତି। ଏ ବିଷୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ଦାସଙ୍କୁ ପଚାରିବାରୁ ବିଭାଗକୁ ଲିଖିତ ଭାବେ ଅବଗତ କରାଯାଇଥିବା କହିଛନ୍ତି। ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ଭୀମ ଗଗେରଙ୍ଗା, ସାମାଜିକ କର୍ମୀ ବିଜୟ ଉଲାକା ପ୍ରମୁଖ ଦାବି କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

rgdselfie@gmail.com



@ ନନ୍ଦ



@ ମହେଶ



@ ପ୍ରେମଚାନ୍ଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଲ୍‌ଆଇସି ପକ୍ଷରୁ ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ

**ପଦ୍ମପୁର,୨।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ମୁକୁନ୍ଦବିହାର ସ୍ଥିତ ଆଇଡିଅଲ୍ ପବ୍ଲିକ ସ୍କୁଲ ପରିସରରେ ଭାରତୀୟ ଜୀବନ ବୀମା(ଏଲ୍‌ଆଇସି) ରାୟଗଡ଼ା ଶାଖା ଆନୁକୂଲ୍ୟରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏଲ୍‌ଆଇସି ବରିଷ୍ଠ ଶାଖା ପରିଚାଳକ ସନ୍ତୋଷ କୁମାର ପାତ୍ର, ଶାଖା ପରିଚାଳକ ଖଦାଳ ସେଟ୍ଟୀ, ଏଲ୍‌ଆଇସି ଡିଓ ଆକ୍ଷରିକ ପରିଡ଼ା, ଏଜେଣ୍ଟ ସନ୍ଧ୍ୟାରାଣୀ ସାହୁ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପଣ୍ଡା ଉପସ୍ଥିତ ଥିଲେ। ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏଠାରେ ଉତ୍ସାହିତ କରାଯିବା ସହ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସୁଶ୍ରୀ ସଞ୍ଚିତା ପଣ୍ଡା, ଛାୟା ଶ୍ରୀରାମ, ସଂସ୍କୃତି ସାହୁ, ସ୍ଥିତିପ୍ରଜ୍ଞା ଗୌଡ଼, କ୍ଷୀରାବ୍ଧି ତନୟା ସାହୁ, ଯସ୍ମିନ ରଣା, ହେମାଙ୍ଗିନୀ ପଣ୍ଡା, ଆଖିଳା ସାହୁ, ଶାଳିନୀ ରଣା, ଶୁଭମ୍ ରଣାଙ୍କୁ ୨୦୨୧-୨୨ ଶିକ୍ଷା ବର୍ଷର ଯୋଗ୍ୟ ମେଧାବୀ ଛାତ୍ରୀଛାତ୍ର ଭାବେ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ତ୍ରିପତି ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମିତୁ ପାଢ଼ୀ, ଅର୍ପିତା ପଣ୍ଡା, ହରିପ୍ରିୟା ପାଢ଼ୀ, ମଧୁସ୍ମିତା ମାଝି ସହଯୋଗ କରିଥିଲେ।



ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ବିଷମକଟକ, ୨।୧୧(ଡି.ଏନ.ଏ.)**

ରାୟଗଡା ଜିଲା ବିଷମକଟକ ସଦର ମହକୁମାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ୧୦ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ସହଦେବ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶାଖା ପରିଚାଳକ ଶଙ୍କର ପ୍ରସାଦ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବ୍ୟାଙ୍କ ପ୍ରତିଷ୍ଠା ଏବଂ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ବିଷମକଟକଠାରେ ୩୫ ବର୍ଷ ତଳେ କୋରାପୁଟ ପଞ୍ଚବଟୀ ବ୍ୟାଙ୍କ ନାମରେ ଏକ ଆଞ୍ଚଳିକ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ସମୟକ୍ରମେ ଏହି ବ୍ୟାଙ୍କର ନାମ ପରିବର୍ତ୍ତନ ହୋଇ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ପରେ ଉତ୍କଳ ଗ୍ରାମିଣ ବ୍ୟାଙ୍କରେ ନାମିତ ହୋଇଛି। ଉତ୍କଳ ଗ୍ରାମିଣ ବ୍ୟାଙ୍କ ନାମକରଣର ଦଶ ବର୍ଷ ପୂରିଛି। ଏହି ଅବସରରେ ବ୍ୟାଙ୍କର ଗ୍ରାହକ, ବୁଦ୍ଧିଜୀବୀ ଓ ବ୍ୟବସାୟୀଙ୍କୁ ବ୍ୟାଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ସେମାନେ ବ୍ୟାଙ୍କ ସହିତ ଜଡିତ ହୋଇ ରହିଥିବା ଅଭିଜ୍ଞତା ପ୍ରକାଶ କରିଥିଲେ। କୋଷାଧକ୍ଷ ପ୍ରଜ୍ଞା ମହାପାତ୍ର ପରିଚାଳନ କରିଥିଲେ। ଶେଷରେ ଚାଷୀ ଆତ୍ମହତ୍ୟାର ଏକ ରୂପାନ୍ତର ନାଟ୍ୟରୂପ ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟ ଭୂମିକାରେ ନନ୍ଦ ଗୌଡ଼ ଓ ତାଙ୍କ ସହଯୋଗୀମାନେ ଥିଲେ।



# ରେଲ୍‌ୱେର ଇଞ୍ଚେ ଜମି ଜବରଦଖଲ ପାଇଁ ଛଡ଼ାଯିବ ନାହିଁ

**ଗୁଣପୁର,୨।୧୧(ଡି.ଏନ୍.ଏ.)**

ବିଶାଖାପାଟଣା ରେଳ ଡିଭିଜନର ଡିଆରଏମ୍ ଅନୁପ ଶତପଥୀ ବୁଧବାର ଗୁଣପୁର ରେଳ ଷ୍ଟେଶନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ଡିଆର୍‌ଏମ୍ ପାରଳାଖେମୁଣ୍ଡିରୁ ଗୁଣପୁର ଅସି ଷ୍ଟେଶନର ଭିତ୍ତିଭୂମି ଏବଂ ବିଭିନ୍ନ

- ଗୁଣପୁର ରେଳ ଷ୍ଟେଶନରେ ଡିଆରଏମ୍
- ପାର୍କିଂ ବ୍ୟବସ୍ଥାର ଶୁଭାରମ୍ଭ

କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସେହିପରି ଗୁଣପୁର ଏବଂ ପାରଳାଖେମୁଣ୍ଡିଠାରେ ପ୍ଲାଟଫର୍ମ ଉଚ୍ଚାତା ବୃଦ୍ଧି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଗୁଣପୁର-ଥେରୁବାଲି ନୂତନ ରେଳଲାଇନ ସଂଯୋଗ ନେଇ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ନୀତି ଆୟୋଗଙ୍କ ଠାରେ ରହିଛି। ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ରହିଥିବା ଡିଆରଏମ୍ କହିଛନ୍ତି। ସେହିପରି ରେଲ୍‌ୱେ ଜମି ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଇଞ୍ଚେ ଜମି ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି। କଟକ-ଗୁଣପୁର ମେମୁ ଟ୍ରେନ୍ ଅପରିଷ୍କାର ରହୁଥିବାରୁ ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଥିବା ପ୍ରଶ୍ନରେ ଏ ନେଇ ବିଶାଖାପାଟଣା ଡିଭିଜନ ପକ୍ଷରୁ ପରିଷ୍କାର ପାଇଁ ପଦକ୍ଷେପ ନିଆଯାଇଥିବା କହିଛନ୍ତି। ଗୁଣପୁର-ନୌପଡ଼ା ମଧ୍ୟରେ ଟିଟି ନଥିବାରୁ ଯାତ୍ରୀ ଟିକେଟ ଫାଙ୍କୁଛନ୍ତି। ଏନେଇ ପଦକ୍ଷେପ ନିଆଯିବା ସହ ସ୍କ୍ୱାର୍ଡ ଦ୍ୱାରା ଚେକିଂ ହେବ ବୋଲି ସେ କହିଛନ୍ତି। ପରେ ଡିଆରଏମ ଷ୍ଟେଶନରେ ଯାନବାହନ ପାର୍କିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଡିଆରଏମଙ୍କ ଗସ୍ତ ସମୟରେ ରେଲ୍‌ୱେର ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



ଗୁଣପୁର ଷ୍ଟେଶନରେ ଡିଆରଏମ୍ ପାର୍କିଂ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

# ଜିଲା କୋର୍ଟ ପରିଦର୍ଶନ କଲେ ହାଇକୋର୍ଟ ବିଚାରପତି

**ନବରଙ୍ଗପୁର/ଉମରକୋଟ, ୨।୧୧(ବି.ପ୍ର./ସ୍ୱ.ପ୍ର.)**

ହାଇକୋର୍ଟର ବିଚାରପତି ସଞ୍ଜୟ କୁମାର ମିଶ୍ର ଦିନିକିଆ ନବରଙ୍ଗପୁର ଗସ୍ତରେ ଆସି ବୁଧବାର ଜିଲା କୋର୍ଟ ସହ ନବରଙ୍ଗପୁରର କୋର୍ଟ ଗୁଡ଼ିକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଜିଲା ଆଇନଜୀବୀ ସଂଘ ସଦସ୍ୟଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ଜଣାଯିବା ସହ ଏକ ସଭା ଆୟୋଜିତ ହୋଇଥିଲା। ଏଠାରେ ବିଚାରପତିଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ସଭାପତି ନରସିଂହ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ରେଜିଷ୍ଟ୍ରାର(ଇନ୍ସପେକ୍ସନ)ପ୍ରଭାକର ଗାଣ୍ଡିଆ, ନବରଙ୍ଗପୁର ଜିଲା ଜଜ୍ ସଞ୍ଜୀବ ଦୁବେ ମଞ୍ଚାସୀନ ଥିଲେ। ଆଇନଜୀବୀ ପ୍ରକାଶ ଚନ୍ଦ୍ର ମିଶ୍ର ଓ ଝାଡ଼େଶ୍ୱର ଖାଡ଼ଙ୍ଗା ନିଜ ବକ୍ତବ୍ୟରେ ସଂଘ ଓ ମହକିଲଙ୍କ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। ଜିଲାର ସର୍କିଟ ଭିଜିଲାନ୍ସ କୋର୍ଟକୁ ଶୀଘ୍ର ନିୟମିତ କୋର୍ଟ କରିବା ପାଇଁ ଓ ଜିଲା ଆଇନଜୀବୀ ସଂଘର ପ୍ରସ୍ତାବିତ ଗୃହ ନିର୍ମାଣ ଆରମ୍ଭ କରିବା ପାଇଁ ବିଚାରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରକୁ ଆଇନଜୀବୀ ସୁଭାଷ ଚନ୍ଦ୍ର ପାଳ ପାଠ କରିଥିଲେ। ସମ୍ପାଦକ ରାମ ପ୍ରସାଦ ପାତ୍ର ଧନ୍ୟବାଦ ଦେଇଥିଲେ। କୋଷାଧକ୍ଷ ବାଲାଜୀ ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ବିରେନ୍ଦ୍ର କୁମାର ନାୟକ, ଉମେଶ ଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ଅରବିନ୍ଦ ପ୍ରସାଦ ପଟ୍ଟନାୟକ, ବି.ବି.ପଟ୍ଟନାୟକ, ସି. ଏଚ. ବାବା ଯୁଗନ୍ଧର, ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ସଦସ୍ୟ ବିଷ୍ଣୁ ପ୍ରସାଦ ପାତ୍ର, ଗଜପତି ପଟ୍ଟନାୟକ, ସଚ୍ଚି ନନ୍ଦନ ସ୍ୱାଇଁ, ମୀନକେତନ ପୂଜାରୀ, ସମରେଶ ଗନ୍ତାୟତ, ହରି ନାରାୟଣ ବେହେରା, ଦେବୀ ପ୍ରସାଦ ସିଂ, ସୁବୋଧ ଚନ୍ଦ୍ର ବେନ୍ୟା, ମାନସ ତ୍ରିପାଠୀ, ସଞ୍ଜୟ ପ୍ରଦୀପ ସୁନା ପ୍ରମୁଖ ଯୋଗ ଦେଇଥିଲେ।



ଆଇନଜୀବୀ ସଂଘ ପକ୍ଷରୁ ବିଚାରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଆଇନଜୀବୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ**

ସେହିପରି ଉମରକୋଟ ଠାରେ ପରିବାର ଅଦାଲତର ଏକ ସର୍କିଟ କୋର୍ଟ ସ୍ଥାପନ କରିବା ପାଇଁ ଉମରକୋଟ ଓକିଲ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉମରକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ଶାନ୍ତନୁ ବାହିନୀପତି, ସରକାରୀ ଓକିଲ ଝାଡ଼େଶ୍ୱର ମହାନ୍ତି, ମନୋହର ମହାନ୍ତି ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

